# ସରକାରୀ ମହିଳା ମହାବିଦ୍ୟାଳୟରେ ସମ୍ମାନ



ବଲାଙ୍ଗିର,(ସବ୍ୟୁ): ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟରେ ଓଡିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଏକଦିବସୀୟ ଜାତୀୟ ସମ୍ମାନ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ଡଃ ଅରବିନ୍ଦ ଓଝାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବିଶ୍ୱଭାରତି, ଶାନ୍ତିନିକେତନରୁ ଅନଲାଇନ ମୋଡରେ ବିଷୟ ବିଶେଷଜ୍ଞ ଡ.କୈଳାସ ପଟ୍ଟନାୟକ ନିଜ ବକ୍ତବ୍ୟରେ ସ୍ୱାଧିନତା ପରବର୍ତ୍ତୀ ଓଡିଆ ଉପନ୍ୟାସରେ ଇତିହାସର ସ୍ୱର ଓ ସ୍ୱାକ୍ଷର ଶୀର୍ଷକ ଉପରେ ସାରଗର୍ଭକ ଆଲୋଚନା କରିଥିଲେ। ମୁଖ୍ୟଅତିଥି ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡିଆ ଭାଷା ଓ ସାହିତ୍ୟ ବିଭାଗର ପ୍ରାକ୍ତନ ପ୍ରଫେସର ଡଃ ଅଶୋକ କୁମାର ଦାଶ ସାର୍ଥକ ଐତିହାସିକ ଉପନ୍ୟାସର ବିଧିବଦ୍ଧ ପରିଭାଷା,ଉଦ୍ଦେଶ୍ୟ ଓ ପରିସର ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥି ଭାବେ ସୋନପୁର କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଡଃ କେଦାରନାଥ ମିଶ୍ର ଯୋଗଦେଇ ଇତିହାସ ଓ ସାହିତ୍ୟର ସଂଜ୍ଞା ନିରୂପଣ କରି ଐତିହାସିକ ଉପନ୍ୟାସର ବୈଶିଷ୍ଟ୍ୟ ସଂପର୍କରେ ବିଶଦ ଆଲୋଚନା କରିଥିଲେ। ଆଇକ୍ୟୁଏସି ସଂଯୋଜକ ବିଭୂତି ଭୂଷଣ ସାହୁ,ସହକାରୀ ପ୍ରଫେସର ରତିକାନ୍ତ ନାଏକ ଓ ସମ୍ମାନର ଆବାହକ ଡଃ ସରୋଜ କୁମାର ଜଗଦଲା ମଞ୍ଚାସୀନ ଥିଲେ। ଆଲୋଚନାଚକ୍ରରେ ସାତ ଜଣ ଗବେଷକ ଅଧ୍ୟାପକ ଡଃ ଲିଙ୍ଗରାଜ ସାହୁ,ଜିତେନ୍ଦ୍ର ତ୍ରିପାଠୀ,ଡଃ ମୀନକେତନ କୁମ୍ଭାର, ଡଃ କୌତୁକ ପନ୍ଦର,ସହକାରୀ ପ୍ରଫେସର ରତିକାନ୍ତ ନାଏକ,ଗବେଷକ ରଂଜନ ମାଝୀ ପ୍ରମୁଖ ଭିତ୍ତି ପ୍ରବନ୍ଧ ଉପସ୍ଥାପନ କରିଥିଲେ। ସମୀକ୍ଷକ ଭାବେ ଡଃ ଅଶୋକ କୁମାର ଦାଶ ଯୋଗ ଦେଇଥିଲେ। ଉଦଯାପନୀ ଉତ୍ସବରେ ଅତିଥି ଭାବେ ଡଃ ଇତିଶ୍ରୀ ଦାଶ ଯୋଗ ଦେଇଥିଲେ। ସ୍ନାତକୋତ୍ତର ଦ୍ୱିତୀୟ ବର୍ଷର ଛାତ୍ରୀ ଶିବାନୀ ତାଣ୍ଡି କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ଅଧାପକ ବିପ୍ଳବ ପଧାନ ଧନ୍ୟବାଦ ଦେଇଥିଲେ ।

# ଅନ୍ତର୍ଜାତୀୟ ତୃତୀୟ ଲିଙ୍ଗୀ ସଚେତନତା କର୍ମଶାଳା




ଭବାନୀପାଟଣା,(ସବ୍ୟୁ): ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ତୃତୀୟ ଲିଙ୍ଗୀ ଦିବସ-୨୦୨୫ ପାଳନ ଅବସରରେ କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ଅମଲାଭବନ ଠାରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବିରେନ୍ଦ୍ର କହଁର ଯୋଗଦାନ କରି ତୃତୀୟ ଲିଙ୍ଗୀଙ୍କ ନିମନ୍ତେ ବିଭିନ୍ନ ସରକାରୀ ଯୋଜନା ଓ ଅଧିନିୟମ ସମ୍ପର୍କରେ ସୂଚନା ପ୍ରଦାନ କରି ଆଲୋଚନା କରିବା ସହ ଉଦବୋଧନ ଦେଇଥିଲେ। ସମ୍ମାନୀତ ଅତିଥି ଭାବରେ କଳାହାଣ୍ଡି ଜିଲ୍ଲା କିନ୍ନର ସଂଘ, ସଭାନେତ୍ରୀ କାମିନୀ କିନ୍ନର, ଲୋକସେବକ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପରିଚାଳକ ଅଜିତ କୁମାର ମହାନ୍ତି, ଭବାନୀପାଟଣା ସ୍ଥିତ ଦାପ୍ତା ଅନୁଷ୍ଠାନର ପରିଚାଳକ ରାକେଶ ନାଏକ, ଧର୍ମଗଡ ଏନଏସିର କର୍ମଚାରୀ ବୁଲବୁଲ କିନ୍ନର, ସପ ସପନ କୁମାର ବେହେରା ପ୍ରମୁଖ ଯୋଗଦାନ କରି ତୃତୀୟ ଲିଙ୍ଗୀ ମାନଙ୍କ ପାଇଁ ସରକାର ରେ ପ୍ରଣୟନ କରିଥିବା ବିଭିନ୍ନ ଯୋଜନା ଓ ସେମାନଙ୍କ ଅଧିକାର ବିଷୟରେ କହିଥିଲେ। ଏହାସହ ତୃତୀୟ ଲିଙ୍ଗୀ ମାନଙ୍କ ବିଭିନ୍ନ ସମସ୍ୟା ଗୁଡ଼ିକ ଉପରେ ଆଲୋଚନା କରିଥିଲେ ଅତିଥି ବୃନ୍ଦ । କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ତୃତୀୟ ଲିଙ୍ଗୀ ବ୍ୟକ୍ତିବିଶେଷ, ଜିଲ୍ଲା ଓ ବ୍ଲକର ସାମାଜିକ ସୁରକ୍ଷା ବିଭାଗର ସମସ୍ତ କର୍ମଚାରୀବୃନ୍ଦ,ସ୍ୱେଚ୍ଛାସେବୀ ସଂଗଠନଟ ସଂଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ । ଇତ୍ୟବସରରେ କଳାହାଣ୍ଡି କିନ୍ନର ସଂଘର ସଭାନେତ୍ରୀ କାମିନୀ କିନ୍ନର ଜିଲ୍ଲା ପ୍ରଶାସନ ଆମକୁ କିଛି ରୋଜଗାର ଦିଅନ୍ତୁ ଓ କଳାକାର କିନ୍ନର ମାନକୁ ବି ଜିଲ୍ଲା କଳାହାଣ୍ଡି ଉତ୍ସବରେ ସେମାନଙ୍କ କଳା ନୈପୁଣ୍ୟ ପ୍ରଦର୍ଶନର ସୁଯୋଗ ଦିଅନ୍ତୁ ବୋଲି କହିଥିଲେ। ମୌଳିକ ଅଧିକାର ରେ ସମସ୍ତ କିନ୍ନରଙ୍କୁ ସରକାରୀ ସହାୟତା ମିଳୁ ବୋଳି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ କହଁରଙ୍କୁ ଅନୁରୋଧ କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଜୁନିୟର ଆସିଷ୍ଟାଣ୍ଟ ଅରୁଣ ମହାପାତ୍ର ଓ ସୁଜିତ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଇତ୍ୟବସରେ ଘରେ କିଛି କିନ୍ନରଙ୍କୁ ପରିଚୟ ପତ୍ର ବଣ୍ଟନ କରାଯାଇଥିଲା।

## ଗୋଟିଏ ଦିନର ୪ ସନ୍ଦେହଜନକ ମୃତ୍ୟୁ ଘଟଣା ପୋଲିସର ଛାନଭିନ୍

କଣ୍ଟାବାଞ୍ଜି,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ଅଞ୍ଚଳର ଗତ ୨୯ ତାରିଖରେ ଦୁଇଟି ପୃଥକ ପୃଥକ ସ୍ଥାନରେ ୪ ଟି ମୃତଦେହ ଉଦ୍ଧାର କରିଥିଲା ମୁରିବାହଲ ପୁଲିସ । ପ୍ରଥମ ଘଟଣାଟି ସିମେଲପାଲି ଗାଁର ଜଣକ ଘରେ ପ୍ରେମୀ ଯୁଗଳଙ୍କ ମୃତ ଦେହ ଉଦ୍ଧାର ହୋଇଥିଲା। ମୃତ ଦୁଇ ଜଣ ଥିଲେ ଅରବିନ୍ଦ ନାଗ ଓ ସଂଯୁକ୍ତା ନାଗ । ସେହିପରି ଗୁଡିଘାଟରେ ବନ୍ଦ କୋଠରୀରୁ ସ୍ୱାମୀ– ସ୍ତ୍ରୀଙ୍କ ମୃତ ଦେହ ମିଳିଥିଲା। ସ୍ୱାମୀ ପ୍ରେମରାଜ ମାଝୀ ଓ ସ୍ତ୍ରୀ ଭାନୁମତି ମାଝୀଙ୍କ ଶବ ଜବତ ହୋଇଥିଲା । ସିମେଲପାଲି ଗାଁରେ ହୋଇଥିବା ଘଟଣାରେ ପୋଲିସ ଏକ ଅପମୃତ ମାମଲା ରୁଜୁ ହୋଇଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି ବୋଲି କହିଛନ୍ତି ଏସଡ଼ିପିଓ ଲକ୍ଷ୍ମୀ ନାରାୟଣ ମାରାଣ୍ଡି । ତେବେ ମୃତ ପୁଅ ଝିଅଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବା ଏସଡିପିଓ ସୁଚନା ଦେଇଛନ୍ତି । ସେହିପରି ଗୁଡିଘାଟ ଗାଁର ଘଟଣାର ସ୍ୱାମୀ ସ୍ତ୍ରୀଙ୍କ ଘରୋଇ ଝଗଡ଼ା ଯୋଗୁ ସେମାନେ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ସାମ୍ବାଦିକ ସମ୍ମିଳନୀରେ ସୂଚନା ମିଳିଛି। ଏହି ଦୁଇ ଘଟଣାରେ ବଲାଙ୍ଗୀର ସାଇଣ୍ଟିଫିକ ଦଳ ଆସି ନମୁନା ସଂଗ୍ରହ କରିବା ସହ ତଦନ୍ତ ଚଳାଇଛନ୍ତି । ଏହି ଦୁଇ ଘଟଣାରେ ବର୍ତ୍ତମାନ ପର୍ଯ୍ୟନ୍ତ କାହାକୁ ମଧ୍ୟ ଗିରଫ ଯାଇନାହିଁ ଓ ତଦନ୍ତ ଚାଲିଥିବା କହିଛନ୍ତି । ସାମ୍ବାଦିକ ସମ୍ମିଳନୀରେ ମୁରିବାହଲ ଥାନା ଅଧିକାରୀ ସିପୁରା ସରାୟ ଲୁଗୁନ ଉପସ୍ଥିତ ଥିଲେ ।

## ଉତ୍କଳ ଓ ବିଦ୍ୟାରମ୍ଭ ଦିବସ ପାଳିତ

ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଧନୁପାଲି ଶିଶୁ ବିଦ୍ୟାମନ୍ଦିର ଠାରେ ଉତ୍କଳ ଦିବସ ଓ ବିଦ୍ୟାରମ୍ଭ ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟ କୋଷାଧ୍ୟକ୍ଷ ରାମଚନ୍ଦ୍ର ବିଶ୍ୱାଳ ଦୀପ ପ୍ରଜ୍ୱଳନ କରି ଉତ୍କଳ ଦିବସର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଭାବେ ସୁସ୍ମିତା ମିଶ୍ର ତାଙ୍କ ଅଭିଭାଷଣରେ ଉତ୍କଳ ପ୍ରଦେଶ ଗଠନରେ ସମସ୍ତ ସ୍ୱାଧିନତା ସଂଗ୍ରାମୀଙ୍କ ଅବଦାନ ବିଷୟରେ କହିଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ବିଭୁପ୍ରସାଦ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ ।

# ସୁବର୍ଣ୍ଣପୁରରେ ପୋଲିସ ପ୍ରତିଷ୍ଠା ଦିବସ ପାଳିତ



ସୋନପୁର,(ସବ୍ୟୁ): ସୁବର୍ଣ୍ଣପୁର ନ୍ୟୁ ରିଜର୍ଭ ପୋଲିସ ପଡ଼ିଆରେ ୯୦ ତମ ପୋଲିସ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳନ କରାଯାଇଛି । ମୁଖ୍ୟ ଅତିଥି ଭାବରେ ସୁବର୍ଣ୍ଣପୁର ଏସପି ରାମ ପ୍ରସାଦ ସାହୁ ଯୋଗଦେଇ ପୋଲିସ ଅଭିବାଦନ ଗ୍ରହଣ କରିଥିଲେ । ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପଠନ କରିଥିଲେ । ପରେ ପରେ ଜିଲ୍ଲାର ସର୍ବ ଶ୍ରେଷ୍ଠ ଇନ୍ସପେକ୍ଟର ଭାବେ ମେଣ୍ଡାର ରବୀନ୍ଦ୍ର ସାହୁ, ସର୍ବ ଶ୍ରେଷ୍ଠ ଏ ଏସ ଆଇ ବିନିକା ପିଏସ ର ରଂଜୟ କୁମାର୍ ନାୟକ , ସର୍ବଶ୍ରେଷ୍ଠ ହାବିଲଦାର ସୋନପୁର ରିଜର୍ଭର ଚମରା ପଧାନ, ସର୍ବଶ୍ରେଷ୍ଠ ଓଆର୍ ହାବିଲଦାର ଭାବେ ଜିଲ୍ଲା ପୋଲିସ ଅଫିସର ସୁଭାଷିନୀ ପ୍ରଧାନ, ସର୍ବଶ୍ରେଷ୍ଠ ଏ ପି ଆର୍ କନଷ୍ଟେବଲ୍ ଭାବେ ସୋନପୁର ରିଜର୍ଭର ଲିକୁନ କୁମାର୍ ପ୍ରଧାନଙ୍କୁ ଆଜିର ଦିବସର ମୁଖ୍ୟ ଅତିଥି ଏସପି ଶ୍ରୀ ସାହୁଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଛି । ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଏସପି ବିରେନ୍ଦ୍ର କୁମାର ନାୟକ, ସୋନପୁର ଏସ ଡି ପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ, ଡି ଏସ ପି ପ୍ରତାପ ରଣା, ବୈକୁଣ୍ଠ ସେଠ ପ୍ରମୁଖ ଯୋଗ ଦେଇଥିଲେ । ଆର୍ ଆଇ କାହ୍ନୁ ଚରଣ ମାରାଣ୍ଡି ପ୍ୟାରେଡ ପରିଚାଳନା କରିଥିବା ବେଳେ ପୋଲିସ କନେଷ୍ଟବଳ ସଂଘ ସଭାପତି ଦିନେଶ ରଞ୍ଜନ ମିଶ୍ର, ସଂପାଦକ ରଞ୍ଜିତ ପ୍ରଧାନ, କୁମୁଦ ରଞ୍ଜନ ସାହୁ, ମନୋଜ୍ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ ।

## ବିଦ୍ୟୁତ ବିଲ ଆଦାୟ ବେଳେ କର୍ମଚାରୀଙ୍କୁ ମାଡ ଅଭିଯୋଗ

ତରଭା,(ସବ୍ୟୁ): ରବିବାର ତରଭା ଥାନା ଅନ୍ତର୍ଗତ ରାଣୀସର୍ଡା ଗ୍ରାମରେ ବିଦ୍ୟୁତ ବିଲ ଆଦାୟ ବେଳେ ବିଦ୍ୟୁତ କର୍ମଚାରୀଙ୍କୁ ମାଡ ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ ଲୁଇସିଙ୍ଘା ବିଦ୍ୟୁତ ବିଭାଗ ଇଏସଓ ଶୁଭେନ୍ଦୁ ପ୍ରକାଶ ଗିରି ନିଜ କର୍ମଚାରୀମାନଙ୍କ ସହ ରାଣିସର୍ଡା ଗ୍ରାମର ବିଶ୍ୱାମିତ୍ର ସୁନାଙ୍କ ଘରକୁ ବିଦ୍ୟୁତ ବିଲ୍ ଆଦାୟ ପାଇଁ ଯାଇଥିଲେ। ସେଠାରେ ଉଭୟଙ୍କ ମଧ୍ୟରେ ବଚସା ହୋଇ ହାତାହାତି ହୋଇଥିଲା। ଏନେଇ ଇଏସ ଓ ଶୁଭେନ୍ଦୁ ପ୍ରକାଶ ଗିରି ମୋତେ ବିଶ୍ୱାମିତ୍ର ସୁନା ଲାଠିରେ ମାଡ ମାରିଛି ବୋଲି ତରଭା ଥାନାରେ ଅଭିଯୋଗ କରିଛନ୍ତି । ସୂଚନା ଯୋଗ୍ୟ ଯେ ବିଦ୍ୟୁତ ବିଭାଗ ଉପରୋକ୍ତ ଉପଭୋକ୍ତଙ୍କ ଘଟଣାର ୧୧ ଦିନ ପୂର୍ବରୁ ବିଦ୍ୟୁତ ବିଚ୍ଛିନ୍ନ କରିବା ସହ ଉକ୍ତ ଖୁଣ୍ଟରୁ କେବୁଲ ମଧ୍ୟ କାଢ଼ି ନେଇଥିଲେ। ଫଳରେ ଉକ୍ତ ଖୁଣ୍ଟରୁ ବିଦ୍ୟୁତ ପାଉଥିବା ଅନ୍ୟ ୪ ଜଣ ମଧ ବିଦ୍ୟୁତ ସେବାରୁ ବଞ୍ଚିତ ହୋଇଥିଲେ। ଏ ନେଇ ମେଣ୍ଡା ଫାଣ୍ଡି ଅଧିକାରୀ ରବିନ୍ଦ୍ର ସାହୁ ତଦନ୍ତ ଜାରିରଖି କେଶ ନଂ ୭୪ ରେ ମାମଲା ରୁଜୁ କରିଥିବା ଜଣାଯାଇଛି ।

## ପର୍ଶୁରାମ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ

କୋକସରା,(ସବ୍ୟୁ): କୋକସରା ବ୍ଲକ ଲଡୁଗାଁ ସ୍ଥିତ ଜଗନ୍ନାଥ ମନ୍ଦିରରେ କୋକସରା ବ୍ଲକ୍ ପର୍ଶୁରାମ ସେନା ତରଫରୁ ପର୍ଶୁରାମ ଜୟନ୍ତୀ ଉପଲକ୍ଷେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପର୍ଶୁରାମ ସେନା ବ୍ଲକ ସଭାପତି ଗୋଦାବରୀଶ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ରୂପେ କୋକସରା ବ୍ଲକ୍ ବ୍ରାହ୍ମଣ ସମାଜ ସଭାପତି ଶ୍ରୀମନ୍ତ ପାଢୀ, ଗଣେଶ ନନ୍ଦ, ରାଜୁ ଶର୍ମା, ଭୀମସେନ ଶର୍ମା, ଶ୍ରବଣ କୁମାର ପାଢୀ, ଭାରତ ଭୁଷଣ ଠାକୁର ପ୍ରମୁଖ ଉପସ୍ଥିତ ଥିବାବେଳେ ପର୍ଶୁରାମ ସେନା ବ୍ଲକ୍ ସାଧାରଣ ସଂପାଦକ ଈଶ୍ୱରୀ ପ୍ରସାଦ ଅଗସ୍ତି ଏହି ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଆଗାମୀ ଅପ୍ରେଲ ୩୦ ତାରିଖ ଦିନ ଚଳିତ ବର୍ଷ ଲଡୁଗାଁ ଠାରେ ଦିବ୍ୟ ଏବଂ ଭବ୍ୟ ରୂପରେ ପର୍ଶୁରାମ ଜୟନ୍ତୀ କରିବା ପାଇଁ ସ୍ଥିରୀକୃତ କରାଯାଇଥିଲା। ଶେଷରେ ଶ୍ରୀକାନ୍ତ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।

## କୋରାପୁଟରେ ପୋଲିସ ପ୍ରତିଷ୍ଠା ଦିବସ ପାଳିତ

କୋରାପୁଟ,(ସବ୍ୟୁ): କୋରାପୁଟ ପୋଲିସ ପ୍ୟାରେଡ ପଡିଆ ଠାରେ ୯୦ ତମ ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କୋରାପୁଟ ଏସପି ରୋହିତ ବର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ମିଳିତ ପ୍ୟାରେଡର ଅଭିବାଦନ ଗ୍ରହଣ କରିଥିଲେଛ ଉଲ୍ଲେଖନୀୟ ସେବା ପାଇଁ ଓଏସଏପି ତୃତୀୟ ବାଟାଲିୟନର ଏସଆଇ ବିଶ୍ୱନାଥ ପଟ୍ଟନାୟକ, ଏଏସଆଇ ପ୍ରଦୀପ କୁମାର ସେଠୀ, ହାବିଲଦାର ପ୍ରଦୀପ ପରିଡା ଓ ରାଜେଶ କୁଜୁର,ସପ୍ତମ ସ୍ୱତନ୍ତ୍ର ଆଇଆରବିଏନର ଏସଆଇ ମନୋଜ କୁମାର ଏସ ମହାପାତ୍ର, ଏଏସଆଇ ପଦ୍ମନ କୁମାର ମହାପାତ୍ର, ହାବିଲଦାର ଦୁଷ୍ମନ୍ତ କୁମାର ମହଲା ଓ କନେଷ୍ଟବଳ ତରୁଣ ସାହୁ,ଜିଲ୍ଲା ପୋଲିସର ସବ ଇନ୍ସପେକ୍ଟର ଚରଣ ସିଂ ମାଝୀ, ଆସିଷ୍ଟାଣ୍ଟ ସବ ଇନ୍ସପେକ୍ଟର ଶ୍ୟାମ ସୁନ୍ଦର ରଥ, ହାବିଲଦାର ରୋହିତ କୁମାର ବେହେରା, କନେଷ୍ଟବଳ ଶୁଭ୍ରାଂଶୁ ଶେଖର ଗୌଡ ଓ ଚଞ୍ଚଳା ଟାକ୍ରୀ, ଟ୍ରାଫିକ କନଷ୍ଟେବଳ ଦେବାଶିଷ ପ୍ରଧାନ ପ୍ରମୁଖଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲାଛଏହି ଅବସରରେ ଆୟୋଜିତ ଭଲିବଲ ପ୍ରତିଯୋଗୀତାର ଚମ୍ପିୟାନ ଓ ରନର ଦଳକୁ ପୁରସ୍କୃତ କରାଯାଇଥିଲାଛ ନୂତନ ଆହ୍ୱାନକୁ ଗୁରୁତ୍ୱ ଦିଆଯାଇ ମୁକାବିଲା କରାଯିବ ବୋଲି ଏସପି ରୋହିତ ବର୍ମା କହିଛନ୍ତି। ଜୟପୁର ଉପଖଣ୍ଡ ପୋଲିସ ଅଧିକାରୀ ପାର୍ଥ ଜଗଦୀଶ କଶ୍ୟପଙ୍କ ସହ ଅନ୍ୟାନ୍ୟ ପୋଲିସ ଅଧିକାରୀ ଏବଂ ସହିଦ ପରିବାର ଓ ଅବସରପ୍ରାପ୍ତ ପୋଲିସ କର୍ମଚାରୀ ମାନେ ଯୋଗଦେଇ ଥିଲେ।

## ପ୍ୟାକ୍ସର ବାର୍ଷିକ ସମାବେଶ

ଖପ୍ରାଖୋଲ,(ସବ୍ୟୁ): ଖପ୍ରାଖୋଲ ବ୍ଲକ ଜୁରିଆ ଠାରେ ଲୁହାସିଂହା ପ୍ରାଥମିକ କୃଷି ସମବାୟ ସମିତିର ବାର୍ଷିକ ସମାବେଶ ମଙ୍ଗଳବାର ସମିତି ସଭାପତି କନ୍ଦର୍ପ ସୁଆରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ବଲାଙ୍ଗିର କେନ୍ଦ୍ର ସମବାୟ ବ୍ୟାଙ୍କ୍ ଲାଠୋର ଶାଖା ପରିଚାଳକ କିଶୋର ପୁଟେଲ, ସମ୍ମାନୀତ ଅତିଥି ସୁପର ଭାଇଜର ଶ୍ରୀକାନ୍ତ ପାଣିଗ୍ରାହୀ, ସମିତିର ନିର୍ଦ୍ଦେଶକ ଜୟନ୍ତ ମେହେର , ସାନନ୍ଦ ଠାକୁର ସୁଦାମ ସୁଆର ପ୍ରମୁଖ ଯୋଗଦେଇ ଥିଲେ। ଚାଷୀଙ୍କ ବିଭିନ୍ନ ସମାସ୍ୟା ଉପରେ ଆଲୋଚନା ହୋଇଥିଲା । କ୍ଷମାସାଗର ବରିହା ରାଜକିଶୋର ମେହେର, ଧନୁର୍ଯ୍ୟ ବରିହା, ରଜନୀ ରଞ୍ଜନ ବାଗ, ଗନ୍ଧର୍ବ ବରିହା, ସନ୍ତୋଷ ପଟେଲ, ଲଳିତ ପଟେଲ, ଧୀରେନ୍ଦ୍ର ସୁଆର ପ୍ରମୁଖ ସମିତି ନିର୍ଦ୍ଦେଶକ, ସଭ୍ୟ ଓ ଚାଷୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସଂପାଦକ ଜଗଦୀଶ ରଣା ପରିଚାଳନା କରିଥିବା ବେଳେ ଯଦୁମଣି ରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ଇଦ୍-ଉଲ୍-ଫିତର ଅବସରରେ ରକ୍ତଦାନ ଶିବିର, ୭୧ୟୁନିଟ୍ ସଂଗ୍ରହ

ସମ୍ବଲପୁର,(ସବ୍ୟୁ): ପବିତ୍ର ଇଦ୍- ଉଲ୍- ଫିତର ପର୍ବ ଉପଲକ୍ଷେ ମୁସଲିମ ସମ୍ପ୍ରଦାୟ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥିତ ରକ୍ତଭଣ୍ଡାର ଭାବେ ଆୟୋଜିତ ଶିବିରକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତାରାଣୀ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶୁଭାରମ୍ଭ କରିଥିଲେ । ସମ୍ମାନିତ ଅତିଥି ଭାବେ ଏଡିଏମ୍ଓ ଡା. ଅଲେଖ ମହାପାତ୍ର, ଡା. ସୁଧାଂଶୁ ବଡପଣ୍ଡା, ଡା. ରୋହିତ ଗୋୟଲ, ରେଡକ୍ରସର ପୂର୍ବତନ ସମ୍ପାଦକ ଜୟ ଜର୍ଜ, ସମାଜସେବୀ ସୁଧିର ପୂଜାରୀ, ସଞ୍ଜିବ ମହାନ୍ତି ଓ ପଲଟୁ ଅଗ୍ରୱାଲ ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ମୋଟ ୭୧ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ଆତିଫ ଆଲମ ତାଙ୍କର ୬୨ତମ ରକ୍ତଦାନ କରିଥିଲେ । ଅନେକ ଯୁବକ ଓ ଯୁବତୀ ପ୍ରଥମ ଥର ପାଇଁ ରକ୍ତଦାନ କରୁଥିବା ଦେଖିବାକୁ ମିଳିଥିଲା । ସମସ୍ତ ରକ୍ତଦାତାଙ୍କୁ ପ୍ରଂଶସାପତ୍ର ପ୍ରଦାନ କରାଯାଇଥିଲା । ସୂଚନାଯୋଗ୍ୟ, ବର୍ତ୍ତମାନ ସମୟରେ ଭିମସାର ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରକ୍ତର ଘୋର ଅଭାବ ଦେଖାଯାଇଛି । ଗ୍ରୀଷ୍ମ ପ୍ରବାହ ଓ ରକ୍ତ ଅଭାବକୁ ଦୃଷ୍ଟିରେ ରଖି ମୁସଲିମ ସମ୍ପ୍ରଦାୟ ପକ୍ଷରୁ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା ।

## ୭୭୫ଜଣ ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା ଶୁଭାରମ୍ଭ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଠାରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଶୁଭାରମ୍ଭ ହୋଇଯାଇଛି। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ମହାନଗର ନିଗମ କମିଶନର ବେଦଭୂଷଣ, ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ , ଅତିରିକ୍ତ ଜିଲ୍ଲାପାଳ ଅଶୋକ କୁମାର ଭୋଇ ଓ ସୁଧାଂଶୁ ଭୋଇ, ରେଳ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ ଗାରିମା ତିୱାରୀ, ପର୍ଯ୍ୟଟନ ବିଭାଗର ଅତିରିକ୍ତ ସଚିବ ବାଲମୁକୁନ୍ଦ ଭୂୟାଁ ଏବଂ ବିଧାୟକଙ୍କ ପ୍ରତିନିଧି ଶୁଭଶ୍ରୀ ମିଶ୍ର ସବୁଜ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ । ଏହା ସମ୍ବଲପୁରରୁ ଅଯୋଧ୍ୟା ଓ ବାରଣାସୀ ଅଭିମୁଖେ ଯାତ୍ରା କରୁଥିବା ବେଳେ ଆସନ୍ତା ଏପ୍ରିଲ ୩ତାରିଖରେ ପ୍ରତ୍ୟାବର୍ତ୍ତନ କରିବ। ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ଏହି ସ୍ୱତନ୍ତ୍ର ଟ୍ରେନର ସମସ୍ତ ବଗି ଶୀତତାପ ନିୟନ୍ତ୍ରିତ ହୋଇଥିବା ବେଳେ ମୋଟ ୭୭୫ଜଣ ବରିଷ୍ଠ ନାଗରିକ ଯାତ୍ରା କରୁଥିବା ଜଣାପଡ଼ିଛି । ସେଥିମଧ୍ୟରୁ ସମ୍ବଲପୁରର ୧୦୨ଜଣ,ଅନୁଗୁଳର ୧୦୯ଜଣ, ବଲାଙ୍ଗୀରର ୧୩୯ଜଣ, ବରଗଡର ୧୨୭ଜଣ, ଦେବଗଡର ୨୭ଜଣ, ଝାରସୁଗୁଡାର ୩୯ଜଣ,ସୋନପୁରର ୫୨ଜଣ ଓ ସୁନ୍ଦରଗଡର ୧୮୦ଜଣ ତୀର୍ଥଯାତ୍ରୀ ଯାତ୍ରା କରିଛନ୍ତି। ଏମାନଙ୍କ ସୁରକ୍ଷା ଓ ସହାୟତା ପାଇଁ ୨୫ଜଣ ଅଧିକାରୀ ଯାତ୍ରା କରୁଥିବା ପ୍ରଶାସନ ପକ୍ଷରୁ ଜଣାପଡ଼ିଛି ।

## ୧୫ ବର୍ଷରୁ କମ୍ ଇଣ୍ଟର କ୍ଲବ୍ ଫୁଟବଲ୍ ଚାମ୍ପିଅନସିପ

ସୋନପୁର,(ସବ୍ୟୁ): ଏପ୍ରିଲ ୭ ତାରିଖରେ ସୋନପୁର ଗାନ୍ଧୀ ଷ୍ଟାଡିୟମରେ ହେବାକୁ ଥିବା ୧୫ ବର୍ଷ ରୁ କମ୍ ଚିଫ ମିନିଷ୍ଟର ଇଣ୍ଟର କ୍ଲବ୍ ଜିଲ୍ଲା ସ୍ତରୀୟ ଫୁଟବଲ୍ ଚାମ୍ପିଅନସିପ ୨୦୨୫ ପାଇଁ ସୁବର୍ଣ୍ଣପୁର ଜିଲ୍ଲା କ୍ରିଡ଼ା ସଂଘ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ସୋନପୁର , ଉଲୁଣ୍ଡା, ବୀର ମହାରାଜପୁର ବ୍ଲକର ୬ ଟି ଦଳ ସମେତ ସୋନପୁର ମୁନିସିପାଲିଟିର ୪ ଗୋଟି ଦଳ ସମୁଦାୟ ୧୦ ଗୋଟି ଫୁଟବଲ୍ ଦଳ ଏଥିରେ ଭାଗ ନେବାକୁ ଥିବା ବେଳେ ଏଥିରୁ ପ୍ରଥମ ପର୍ଯ୍ୟାୟ ରେ ୪୦ ଜଣ ଓ ଦ୍ୱିତୀୟ ପର୍ଯ୍ୟାୟ ରେ ସେଥିରୁ ୨୪ ଜଣ ଖେଳାଳୀଙ୍କୁ ରାଜ୍ୟସ୍ତରୀୟ ଫୁଟବଲ୍ ପାଇଁ ମନୋନୀତ କରାଯିବ ବୋଲି ଜିଲ୍ଲା କ୍ରିଡ଼ା ସଂଘ ସଂପାଦକ ପୀୟୂଷ ପଣ୍ଡା ସୂଚନା ଦେଇଥିଲେ । ଓଡ଼ିଶା ସରକାରଙ୍କ ସ୍ପୋର୍ଟସ ହଷ୍ଟେଲ, ଓଡ଼ିଶା ଫୁଟବଲ୍ ଆସୋସିଏସନ୍ ଓ ଜିଲ୍ଲା କ୍ରୀଡ଼ା ସଂଘର ମିଳିତ ସହଯୋଗରେ ଅନୁଷ୍ଠିତ ହେବାକୁ ଥିବା ଏହି ଅଣ୍ଡର ୧୫ ଫୁଟବଲ୍ ଚାମ୍ପିଅନସିପ ୨୦୨୫ ରେ କ୍ରୀଡ଼ା ପ୍ରତିଭାର ବିକାଶ ହେବ ବୋଲି କର୍ମକର୍ତ୍ତା ମାନେ ପ୍ରକାଶ କରିଛନ୍ତି ।

ଓଡ଼ିଶା ଫୁଟବଲ୍ ଆସୋସିଏସନ୍ର ଟେକ୍ନିକାଲ କମିଟି ମୁଖ୍ୟ ସୁନିଲ ମିତ୍ର ଗାନ୍ଧୀ ଷ୍ଟାଡିୟମ୍ ଓ ଏହାର ଭିତ୍ତି ଭୂମି ପରିଦର୍ଶନ କରି ଜିଲ୍ଲା କ୍ରିଡ଼ା ସଂଘ କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିଥିବା ଜଣା ଯାଇଛି । ସ୍ପୋର୍ଟସ ହଷ୍ଟେଲ ଏକାଡେମି ଓଡ଼ିଶା ସରକାର ଏହାର ତଦାରଖ ଓ ସବୁ ଖର୍ଚ୍ଚ ବହନ କରିବ ବୋଲି କ୍ରିଡ଼ା ସଂଘ ଉପ ସଭାପତି ଚିତ୍ତ ରଞ୍ଜନ ତରାସିଆ ସୁଚନା ଦେଇଛନ୍ତି । ଜିଲ୍ଲା କ୍ରୀଡ଼ା ସଂଘର କାର୍ଯ୍ୟକାରୀ ସଦସ୍ୟ କଇଁରୁ ସ୍ୱାଇଁ,ପୁରୋଷୋତ୍ତମ ପାଣିଗ୍ରାହି, କୃଷ୍ଣ ଚନ୍ଦ୍ର ବାଘ, ଦିଲ୍ଲୀପ ଗୁରୁ, ଗୌରୀଶ୍ୟାମ ପଣ୍ଡା, ଭୁକୁଲୁ ବକ୍ସି, ଆଦିତ୍ୟ କିଶୋର ଦାନୀ , ସୁଦର୍ଶନ ପଣ୍ଡା, କାଉନସିଲର ଗଙ୍ଗା ତରିଆ, ସୁକାନ୍ତ ସାହୁ ପ୍ରମୁଖ ସମ୍ମିଳନୀରେ ଯୋଗ ଦେଇ ସୁବର୍ଣ୍ଣପୁରରେ ଫୁଟବଲ୍ ପ୍ରତିଭାର ବିକାଶ ହେବା ସହ ଏ ଅୟୋଜନ ଦ୍ୱାରା ଫୁଟବଲ୍ ଖେଳକୁ ଓ ଏହାର ଭିତ୍ତିଭୂମିକୁ ମଜଭୁତ କରି ପାରିବ ବୋଲି ମତ ପ୍ରକାଶ କରିଛନ୍ତି । ପରବର୍ତ୍ତୀ ପର୍ଯ୍ୟାୟରେ ଏଠାରେ ଭାଗ ନେଇଥିବା ଫୁଟବଲ୍ ଦଳର ଖେଳାଳି ମାନେ ଗ୍ରାମାଞ୍ଚଳରେ ଖେଳ ଅଭ୍ୟାସ ଜାରି ରଖିବା ଓ ପ୍ରୋତ୍ସାହିତ କରିବାକୁ ମଧ କର୍ମକର୍ତ୍ତା ପରାମର୍ଶ କରିଥିଲେ । ବିକାଶ ପଣ୍ଡା ସଭାକୁ ସଂଯୋଜନା କରିଥିଲେ ।

# ମହାରାଜା ଆରଏନ ସିଂହଦେଓ ସ୍ମାରକୀ ଫୁଟବଲ ବରଗଡ ୟୁନାଇଟେଡ୍ ଚାମ୍ପିଅନ




ବଲାଙ୍ଗିର,(ସବ୍ୟୁ): ମହାରାଜା ଆର.ଏନ୍.ସିଂହଦେଓ ଫୁଟବଲ ଟୁର୍ଣ୍ଣାମେଣ୍ଟ କମିଟି ପକ୍ଷରୁ ଓ ଜିଲ୍ଲା କ୍ରୀଡା ସଂସଦ ସହଯୋଗରେ ସୋମବାର ଗାନ୍ଧୀ ଷ୍ଟାଡିୟମରେ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍ୟାପିତ ହୋଇଯାଇଛି । ବରଗଡ ୟୁନାଇଟେଡ୍ ଏଫସି ୨-୧ ଗୋଲରେ ଭବାନୀପାଟଣା ଇଭିନିଂ ଏଫସିକୁ ହରାଇ ଚାମ୍ପିଅନ ହୋଇଛି । ମୁଖ୍ୟ ଅତିଥି ଭାବରେ ଆରଏନ ସିଂହଦେଓଙ୍କ ସୁପୁତ୍ର ତଥା ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂହଦେଓ ଯୋଗଦେଇ ବିଜେତା ବରଗଡ ଦଳକୁ ଟ୍ରଫି ସହ ୩୧ହଜାର ଟଙ୍କା ଓ ଉପ-ବିଜେତା ଭବାନୀପାଟଣା ଦଳକୁ ଟ୍ରଫି ସହ ୨୧ହଜାର ଟଙ୍କା ପ୍ରଦାନ କରିଥିଲେ । ପୁରସ୍କାର ବିତରଣୀ ସଭାରେ କମିଟି ସଭାପତି ପ୍ରଭାସ କୁମାର ପାଣିଗ୍ରାହୀ ଅଧକ୍ଷତା କରିଥିଲେ । ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ମନୋରଂଜନ ଯୋଷୀ, କ୍ରୀଡା ସଂସଦର ସାଧାରଣ ସଂପାଦକ ତଥା ରାଜ୍ୟ ଅଲମ୍ପିକ ଏସୋସିଏସନର ଯୁଗ୍ମ ସଂପାଦକ ହରିନାରାୟଣ ପୁଜାରୀ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଶ୍ରୀ ସିଂହଦେଓ ସାମ୍ବାଦିକ ଶ୍ରୀ ଯୋଷୀ ଓ କ୍ରୀଡା ସଂସଦର ସାଧାରଣ ସଂପାଦକ ଶ୍ରୀ ପୁଜାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଫାଓ ଓଡିଶା ତଥା ଜିଲ୍ଲା କ୍ରୀଡା ସଂସଦର କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର, ଆନ୍ତର୍ଜାତୀୟ ପୂର୍ବତନ କ୍ରୀଡାବିତ୍ ସୁଶ୍ରୀ ଆନନ୍ଦିନୀ ଦର୍ଜୀ, କ୍ରୀଡା ସଂସଦର ବରିଷ୍ଠ ସଦସ୍ୟ ଡା. ସିଦ୍ଧେଶ୍ୱର ମିଶ୍ର, ଜିଲ୍ଲା କ୍ରୀଡାଧିକାରୀ ପରାଶର ବାଗ, ଉପ-ସଭାପତି ଶମ୍ଭୁ ନାଗ, ସଂପାଦକ ସାଗର ସଂଗମ ଶତପଥି ଓ କୋଷାଧକ୍ଷ ଜିତେନ୍ଦ୍ର ମିଶ୍ର ମଞ୍ଚାସୀନ ଥିଲେ । କ୍ରୀଡା ସଂସଦର କୋଷାଧକ୍ଷ ହେମନ୍ତ କୁମାର ବେହେରା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଖେଳକୁ ସଂଜିବ ମହାରଣା, ଜିତେନ୍ଦ୍ର ପାତ୍ର, ସଞ୍ଜନ କୁଦେଇ ଓ ଅବଦୁଲ ମୁଜିବ ପରିଚାଳନା କରିଥିଲେ । କ୍ରୀଡା ସଂସଦର ଫୁଟବଲ ସଂପାଦକ ଶରତ କୁମାର ନନ୍ଦ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ । ପୂର୍ବତନ ଖେଳାଳି ନିରେନ୍ଦ୍ର ମହାନ୍ତି, ଶିବାନନ୍ଦ ବାଗ, ଭୁପେନ୍ଦ୍ର ସିଂ ଓ ରାଜେଶ ଭୋଇଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । କମିଟିର ସକ୍ରିୟ କାର୍ଯ୍ୟକର୍ତ୍ତା ଭାବେ ବିଭୁତି ଭୂଷଣ ମିଶ୍ର, ବିରସେନ ସାହୁ, ଚିନ୍ମୟ ସାହୁ ଓ ଡୋଳାମଣି ବାଗଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବେଷ୍ଟ ଗୋଲ କିପର ସିଦ୍ଧାନ୍ତ ପଧାନ, ବେଷ୍ଟ ଡିଫେଣ୍ଡର ବିଶାଳ ଟିଗାର, ବେଷ୍ଟ ଅଫେନ୍ସ ପପୁ ମାଝି, ବେଷ୍ଟ ରାଇଜିଂ ସୁମନ ଓରାମ, ମ୍ୟାନ ଅଫ ଦ ମ୍ୟାଚ ସଂଜିବ ଖରା ଓ ମ୍ୟାନ ଅଫ୍ ଦ ସିରିଜ ଦିପକ ମୁଣ୍ଡାଙ୍କୁ ପୁରସ୍କୃତ କରାଯାଇଥିଲା । କମିଟି ସଦସ୍ୟ କୈଳାସ ମହାନ୍ତି, ରାଜେନ୍ଦ୍ର ହୋତା, ସୁମନ ନନ୍ଦ, ବିଧୂଭୂଷଣ ତ୍ରିପାଠି, ଓଁକାର ନାୟକ, ଲକ୍ଷ୍ମଣ ମେହେର, ସୁଶିଲ ଚାନ୍ଦ, ଶାନ୍ତନୁ ଭୋଇ, ଗୋପାଳ ଦାନୀ, ସନ୍ତୋଷ ଦନ୍ତା, କିଶୋର କୁମ୍ଭାର, ସତ୍ୟ ନାଏକ, ଗଙ୍ଗା ଚାନ୍ଦ, ଲଲାଟେନ୍ଦୁ ପଟ୍ଟନାୟକ, ରମେଶ ବେହେରା, ସୁରଜ ଉପାଧ୍ୟାୟ, ଶତୃଘନ ବାଗ, ନିହାର ରଂଜନ ସ୍ୱାଇଁ, ଶିବ ବେହେରା, ସନ୍ତୋଷ ପ୍ରଧାନ ଓ ଦେବଦତ୍ତ ବେହେରା ପ୍ରମୁଖ ସହଯୋଗ କରିଥିଲେ । କମିଟିର ଉପ-ସଭାପତି ଶମ୍ଭୁ ନାଗ ଧନ୍ୟବାଦ ଅର୍ପଣ କରିଥିଲେ ।

## ଗୋର୍ଖା ସମାଜ ପକ୍ଷରୁ ପାଳନ ହେଲା ଉତ୍କଳ ଦିବସ




ଝାରସୁଗୁଡ଼ା,(ସବ୍ୟୁ): ସ୍ଥାନୀୟ ମୁକ୍ତେଶ୍ୱର ଧାମ ପରିସରରେ ଗୋର୍ଖା ସମାଜ ପକ୍ଷରୁ ପାଳନ କରାଯାଇଥିଲା ଉତ୍କଳ ଦିବସ । ଭାଷା ଠିକ ସେ ବୁଝି ପାରନ୍ତିନି ଠିକ ଭାବେ କହି ପାରନ୍ତିନି ତଥାପି କର୍ମଭୂମି ପ୍ରତି ଥିବା ଭଲ ପାଇବା ଯୋଗୁଁ ପାଳନ କରୁଛନ୍ତି ଉତ୍କଳ ଦିବସ। ଓଡ଼ିଶା ବିଷୟରେ ଜାଣିବାର ଇଛା ହିଁ ଆମକୁ ପ୍ରେରଣା ଦେଲା ଓଡ଼ିଶା ଦିବସ ପାଳନ କରିବାର ବୋଲି କହିଛନ୍ତି ଗୋର୍ଖା ସମାଜର ସଭାପତି ଗଣେଶ ସୁନାର। ଗତ ଦୁଇ ବର୍ଷ ହେଲା ଆମେ ପାଳନ କରୁଛୁ ନୁଆଁ ଖାଇ, କାରଣ ଏ ମାଟି ଆମ ପାଇଁ ପବିତ୍ର ବୋଲି କହିଛନ୍ତି ଗୋର୍ଖା ସମାଜର ନିର୍ଦ୍ଦେଶିକା ଗୀତା ରାଣା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଜିଲ୍ଲା ଓକିଲ ସଂଘର ସଭାପତି ତ୍ରିନାଥ ଗୁଆଲ ଯୋଗ ଦେଇଥିବା ବେଳେ ଡାକ୍ତର ପ୍ରକାଶ ରାଣା ମୁଖ୍ୟବକ୍ତା ଓଡିଶା ଇତିହାସ ଉପରେ ଆଲୋଚନା କରିଥିଲେ । ଓଡିଶା କେମିତି ଭାଷା ଭିତ୍ତିକ ପ୍ରଥମ ରାଜ୍ୟ ହେଲା ଷଢ଼େଇକେଲା ଖରସୁଆ କେମିତି ଓଡ଼ିଆ ଠାରୁ ଅଲଗା ହେଲା ଏ ବିଷୟରେ ବିସ୍ତାର ଭାବେ ବୁଝେଇ ଥିଲେ। ଜ୍ୟୋତି ସୁନାର ଲକ୍ଷ୍ମୀ ଥାପା ପୁରନ ନେୱାର ନାରାୟଣ ତାମାଙ୍ଗ ଓ ଅନ୍ୟ ମାନେ ଉପସ୍ଥିତ ଥିଲେ । ଗୋର୍ଖା ସମାଜର ଉତ୍କଳ ଦିବସ ପାଳନକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଉଛି ।

# ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ମହମବତୀ ଶୋଭାଯାତ୍ରା



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ରାଜ୍ୟରେ ବୃଦ୍ଧି ପାଉଥିବା ନାରୀ ନିର୍ଯାତନା, ଧର୍ଷଣ, ହତ୍ୟା, ଅପହରଣ ଆଦି ଘଟଣା ପ୍ରତିବାଦରେ ମହମବତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ଜୟଶଙ୍କର ମିଶ୍ରଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀ ମାନେ ମହମବତି ଶୋଭାଯାତ୍ରାରେ ଲକ୍ଷ୍ମୀ ଟକିଜ ଛକ ଦେଇ ସରକାରୀ ବସଷ୍ଟାଣ୍ଡ ଠାରେ ପହଞ୍ଚିବା ପରେ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରି ପ୍ରତିବାଦ କରିଥିଲେ। ଏଥିରେ ରବି ରାଉତ, ବିଜୟ ଲକ୍ଷ୍ମୀ ବେହେରା, ଦିଲିପ ଦୁରିଆ, ଗିରିଜା ନାୟକ, ମହମ୍ମଦ ଜୁବେର, ମହମ୍ମଦ ସଲିମ, ବସିର ଖାନ, ଓକିଲ ଚୌଧୁରୀ, ଟୁମକି ମହାନନ୍ଦ, ସତ୍ୟନାରାୟଣ ସେନାପତି, ଜୟନ୍ତ ସାହୁ, ସନାତନ ବରାଡ଼ ଓ ଜିତେନ୍ଦ୍ର ପ୍ରଧାନଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# ଡ୍ରାଇଭରକୁ ଗିରଫ ନେଇ ଥାନା ସମ୍ମୁଖରେ ରାସ୍ତା ଅବରୋଧ



ରାୟଗଡା,(ସବ୍ୟୁ): ୨୦୦୫ ମସିହାର ଏକ ମାମଲାକୁ ନେଇ କୋର୍ଟ ନିର୍ଦ୍ଦେଶ ପରେ ପୁଲିସ ଟାଣି ଓଟାରି ଜଣେ ଡ୍ରାଇଭରଙ୍କୁ ଉଠାଇ ଆଣିବାକୁ ବିରୋଧକରି ଥାନା ସମ୍ମୁଖରେ ବିକ୍ଷୋଭ ସହ ରାସ୍ତା ଅବରୋଧ କରିଛନ୍ତି। ଟ୍ରକ ୟୁନିୟନର ସଭାପତି କଣ୍ଡାବାବୁ ଘଟଣା ସ୍ଥଳରେ ରହି ପୁଲିସ ଏଭଳି ନୀତିକୁ ନିନ୍ଦା କରିଛନ୍ତି। ପାତର ଅନ୍ତର ନୀତି ଅବଲମ୍ବନ କରୁଛି ପୁଲିସ ବୋଲି ସ୍ପଷ୍ଟ ରୂପେ କହିଛନ୍ତି। ଧନିଙ୍କୁ ଭିନ୍ନ ଗରିବଙ୍କୁ ଭିନ୍ନ ଆଖିରେ ଦେଖୁଛନ୍ତି। ଏଥି ପୂର୍ବରୁ ସେ ନିଜେ ଅନେକ ମମଲା ଜିଲାର ଜଣେ ଧନୀ ନେତାଙ୍କ ନାମରେ ଦେଇଛନ୍ତି। କିନ୍ତୁ ପୁଲିସ ଗିରଫ କରୁନାହିଁ ବୋଲି ଅଭିଯୋଗ କରିଛନ୍ତି। ରାସ୍ତାରୋକ ଫଳରେ ୩୨୬ ନମ୍ବର ଜାତୀୟ ରାଜପଥରେ ବହୁ ଯାନବାହାନ ଅଟକି ରହିଥିଲା। ରାୟଗଡାର ଟ୍ରକ ମାଲିକ ସଂଘର ସଭାପତି ଭେଙ୍କଟେଶ୍ୱର ରାଓ ଓରଫ କୋଣ୍ଡା ବାବୁଙ୍କ ଡ୍ରାଇଭରଙ୍କୁ ରାୟଗଡା ଟାଉନ ଥାନା ପୁଲିସ ଗତ ୨୦ବର୍ଷର ଏକ ମାମଲାରେ ଗିରଫ କରିଛି। ଗିରଫ ଡ୍ରାଇଭର ହେଲେ ପି.ଗୌରୀଶଙ୍କର। ପ୍ରତିବାଦରେ ରାୟଗଡା ଟ୍ରକ ସଂଘ ପକ୍ଷରୁ ଶତାଧିକ ଲୋକେ ଟାଉନ୍ ଥାନାକୁ ଘେରାଉ କରିଛନ୍ତି। ପୂର୍ବରୁ ଡ୍ରାଇଭରଙ୍କ ନାମରେ ଥିଲା ଜାମିନ ବିହୀନ ଗିରଫ୍ ପରୱାନା। ମଙ୍ଗଳବାର ସକାଳୁ ଗୌରୀଶଙ୍କରଙ୍କୁ ପୁଲିସ ଗିରଫ କରିବା ପରେ କୋଣ୍ଡା ବାବୁଙ୍କ ସମର୍ଥକ ଥାନା ଆଗରେ ଖଲାସ ପାଇଁ ଅଡି ବସିଥିଲେ। ରାସ୍ତାରେ ଧାରଣା ଦେବା ଫଳରେ ରାସ୍ତା ଜାମ୍ ହୋଇ ଗାଡି ଚଳାଚଳ ବାଧାପ୍ରାପ୍ତ ହୋଇଛି। ରାଞ୍ଚି ବିଜୟୱାଡା କରିଡର ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡି ଚକିଆ ଯାନ ଠିଆ ହୋଇଛି। ଅନ୍ୟପଟେ ରାସ୍ତା ଜାମ୍ ଥିବା ଯୋଗୁଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ କୌଣସି ଆମ୍ବୁଲାନ୍ସ ଯାତାୟତ କରିପାରିନି। ଏବେ ବି ଥାନା ଆଗରେ ଧାରଣାରେ ବସିଛନ୍ତି ଶତାଧିକ ସମର୍ଥକ। ଏସବୁ ଘଟଣା ପାଇଁ ଜିଲ୍ଲା ବିଜେଡି ସଭାପତି ଏନ. ଭାସ୍କର ରାଓଙ୍କ ଇଙ୍ଗିତରେ ଏହି କାର୍ଯ୍ୟ ହୋଇଥିବା ନେଇ ଅଭିଯୋଗ କରିଛି ଟ୍ରକ ମାଲିକ ସଂଘ। ଅନ୍ୟପଟେ ଏହି ଘଟଣାରେ ପୁଲିସ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ୨୧ରେ ସମ୍ବଲପୁରରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

ସମ୍ବଲପୁର,(ସବ୍ୟୁ): ଆସନ୍ତା ଏପ୍ରିଲ ୨୧ରେ ସମ୍ବଲପୁରରେ ମୁଖ୍ୟମନ୍ତ୍ରୀଙ୍କ ରାଜ୍ୟସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଆୟୋଜିତ ହେବ । ରାଜଧାନୀ ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ରହିଛି । ସେଠାରେ ମୁଖ୍ୟମନ୍ତ୍ରୀ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣିଥାନ୍ତି । ମାତ୍ର ଉକ୍ତ ଦିନ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ସମ୍ବଲପୁର ଠାରେ ହେବ । ଲୋକସେବା ଭବନ ସମ୍ବଲପୁରକୁ ଏହି ଦିନ ଉଠିଆସିବ । ରାଜ୍ୟ ସରକାରଙ୍କ ୧୦ଜଣ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବଙ୍କ ସମେତ ୫୦ଜଣ ସଚିବ ଓ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହିବେ ।

ଏହା ଓଡିଶା ଇତିହାସରେ ପ୍ରଥମ ବୋଲି ଜଣାପଡିଛି । ଏହାଦ୍ୱାରା ପଶ୍ଚିମଓଡିଶାବାସୀ ବେଶ ଉପକୃତ ହେବେ । ପରବର୍ତ୍ତୀ ସମୟରେ ବ୍ରହ୍ମପୁର ଓ କେନ୍ଦୁଝରର ପରେ ସମସ୍ତ ୩୦ଟି ଜିଲ୍ଲା ମୁଖ୍ୟାଳୟରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ଆୟୋଜିତ ହେବ । ଏନେଇ ସର୍କିଟ ହାଉସ୍ ଠାରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଶୁଣାଣି ଶିବିର ନିକଟରେ ଆହାର କେନ୍ଦ୍ର ଗୁଡିକ ଅସ୍ଥାୟୀ ସ୍ଥାପନ, ଗ୍ରୀଷ୍ମ ପ୍ରଭାବକୁ ଦୃଷ୍ଟିରେ ରଖି ପାଣି ଓ ଛାୟାର ବ୍ୟବସ୍ଥା, ଅଭିଯୋଗକାରୀଙ୍କ ବସିବା, ଯାନବାହାନ ପାର୍କିଂ, ଅଫିସରଙ୍କ ଆଗମନ ନେଇ ଆଲୋଚନା ହୋଇଥିଲା । ଏଥିରେ ସ୍ୱେଚ୍ଛାସେବୀ ସଙ୍ଗଠନ ଗୁଡିକର ସହଯୋଗ ନେଇ ମଧ୍ୟ ଆଲୋଚନା କରାଯାଇଥିଲା । ଆସନ୍ତା ୧୧ରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବ । ଶୁଣାଣି ଶିବିରର ୩ଦିନ ପୂର୍ବରୁ ଅନ୍‌ଲାଇନରେ ପଞ୍ଜିକରଣ କରାଯିବ । ଜିଲ୍ଲାପାଳ ମାନେ ଏହି ସମସ୍ୟା ଗୁଡିକ ଉପରେ ଦୃଷ୍ଟି ଦେବା ସହ ତତ୍‌କାଳୀନ ସମାଧାନ ବାଟ ବାହାର କରିବା ନେଇ ପ୍ରସ୍ତୁତ ରହିବେ । ଶିବିର ପରିଚାଳନା ନେଇ ସ୍ମାର୍ଟ ଅଫିସରଙ୍କ ତାଲିକା ପ୍ରସ୍ତୁତ କରାଯାଉଛି । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସମସ୍ତ ପ୍ରକାର ସୁବିଧା କରାଯିବ । ଶିବିର ଆୟୋଜନ ପାଇଁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଓ ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟ ନିରୀକ୍ଷଣ କରିଥିଲେ । ଏହି ବୈଠକରେ ଆରଡିସି ସଚିନ୍ ରାମଚନ୍ଦ୍ର ଯାଦବ , ଆଇଜି ହିମାଂଶୁ ଲାଲ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ସମ୍ବଲପୁର ମହାନଗର କମିଶନର ବେଦଭୂଷଣ, ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁଙ୍କ ସମେତ ଅବିଭକ୍ତ ସମ୍ବଲପୁର ଜିଲ୍ଲାର ଜିଲ୍ଲାପାଳ ଓ ଏସ୍‌ପି ମାନେ ଉପସ୍ଥିତ ଥିଲେ ।

# ଅନ୍ତେବାସୀଙ୍କ ପାଇଁ ୱାଟର କୁଲର

ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ୮୪ ଘର ଅଘରିଆ ସମାଜ ଟ୍ରଷ୍ଟ ପକ୍ଷରୁ ଜିଲ୍ଲା କାରାଗାରର ଅନ୍ତେବାସୀଙ୍କ ପାଇଁ ଦୁଇଗୋଟି ବଡ଼ କୁଲର ଯୋଗାଇ ଦିଆଯାଇଛି । ଟ୍ରଷ୍ଟ ଉପସଭାପତି ରାଜକୁମାର ପଟେଲ ଚଳିତ ବର୍ଷର ଅସହ୍ୟ ଗରମ ଓ ଗୁଳୁଗୁଳିକୁ ହୃଦୟଙ୍ଗମ କରି ଅନ୍ତେବାସୀଙ୍କ ସାମାନ୍ୟ ଆଶ୍ୱସ୍ତି ପାଇଁ କୁଲର ପ୍ରଦାନ କରିଛନ୍ତି । ସଭାପତି ଶୁଭ୍ରାଂଶୁ ଶେଖର ପଟେଲ.ଉପଦେଷ୍ଟା ଦ୍ୱାରିକା ନାଥ ପଟେଲ ଓ ସମ୍ପାଦକ ଦିଗାମ୍ବର ନାଏକଙ୍କ ସହ ଜିଲା ଜେଲ ସୁପରିନଣ୍ଟେଣ୍ଡେଣ୍ଟ ସର୍ବେଶ୍ୱର ସାହୁଙ୍କୁ ହସ୍ତାନ୍ତର କରିଥିଲେ। ଜିଲ୍ଲାରେ ରକ୍ତଦାନ ଶିବିର,ରୋଗୀ ଓ ସମ୍ପର୍କୀୟଙ୍କୁ ମାଗଣା ଖାଦ୍ୟ ବଣ୍ଟନ, ଦହିପାଣି ବଣ୍ଟନ,ସମାଜର ଦୁର୍ବଳ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ ପରେ ଅନ୍ତେବାସୀଙ୍କ ପାଇଁ କୁଲର ଯୋଗାଇଦେବା କାର୍ଯ୍ୟକ୍ରମକୁ ଉତ୍ତମ ସେବା କାର୍ଯ୍ୟ ବୋଲି ସମସ୍ତେ ସାଧୁବାଦ ଜଣାଇଛନ୍ତି । ହସ୍ତାନ୍ତର ସମୟରେ ଜେଲର କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ।

# ସହଜ ମାନସାଙ୍କର ଦେୟମୁକ୍ତ ସଂସ୍କରଣ ଲୋକାର୍ପିତ

ବଲାଙ୍ଗିର,(ସବ୍ୟୁ): ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ପାରେଶ୍ୱର ମହାଲିଙ୍ଗ ସ୍ମୃତି କମିଟି ତରଫରୁ ମଙ୍ଗଳବାର ସହଜ ମାନସାଙ୍କ ନାମକ ଏକ ପୁସ୍ତକ ଦେୟ ମୁକ୍ତ ବିତରଣ ନିମନ୍ତେ ଲୋକାର୍ପିତ ହୋଇଯାଇଛି। ବିଶିଷ୍ଟ ସାହିତ୍ୟିକ ସନ୍ଦୀପ କୁମାର କୁଅଁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ଅତିଥି ବକ୍ତା ଭାବରେ ଯୋଗଦେଇ ଥିବା ବେଳେ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରେନ୍ଦ୍ରନାଥ ମିଶ୍ର, ପ୍ରେରଣା ସଂପାଦକ ରଘୁନନ୍ଦନ ସିଂହ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ପାରେଶ୍ୱର ମହାଲିଙ୍ଗ ସ୍ମୃତି କମିଟିର ମୁଖ୍ୟ ଗୌରୀଶଙ୍କର ମହାଲିଙ୍ଗ, ସଂପାଦକ ଦ୍ୟୁତିରଂଜନ ମହାଲିଙ୍ଗ ଓ ସଦସ୍ୟା ସୃଷ୍ଟି ସଂପ୍ରାସ ମହାଲିଙ୍ଗ ମଂଚାସୀନ ହୋଇଥିଲେ। ମଂଚାସୀନ ଅତିଥିବୃନ୍ଦ ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ପାରେଶ୍ୱର ମହାଲିଙ୍ଗଙ୍କ ପୂର୍ବରୁ ୧୯୬୪ ମସିହାରେ ପ୍ରକାଶିତ ଚତୁର୍ଥ ଓ ପଞ୍ଚମ ଶ୍ରେଣୀ ଛାତ୍ର ଛାତ୍ରୀଙ୍କ ପାଇଁ ସହଜ ମାନସାଙ୍କ ପୁସ୍ତକର ନୂତନ ଦେୟମୁକ୍ତ ସଂସ୍କରଣକୁ ଲୋକାର୍ପିତ କରିଥିଲେ। ଶେଷରେ ସ୍ମୃତିକମିଟିର ସଂପାଦକ ଦ୍ୟୁତିରଂଜନ ମହାଲିଙ୍ଗ ଧନ୍ୟବାଦ ଅର୍ପଣ କରିଥିଲେ। ସଭାକୁ ଶିକ୍ଷକ କବି ସତ୍ୟାନନ୍ଦ ବିଶ୍ୱାଳ ସଂଯୋଜନା କରିଥିବା ବେଳେ ଶିକ୍ଷକ ରଂଜିତ ମିଶ୍ର , ସ୍ମୃତି ମହାଲିଙ୍ଗ,,ସୌଭାଗ୍ୟ ନାଏକ ଓ ଅନ୍ୟମାନେ ସହଯୋଗ କରିଥିଲେ।

# ସେକ୍ସ ରାକେଟ୍ ଠାବ : ୫ ମହିଳା ଉଦ୍ଧାର, ୫ ଦଲାଲ ଅଟକ

ସୁନ୍ଦରଗଡ଼,(ସବ୍ୟୁ): ରାଉରକେଲାର ଜଗଦା ଅଞ୍ଚଳରେ ଏକ ସେକ୍ସ ରାକେଟ୍ ଠାବ କରିଛି ପୋଲିସ । ସେକ୍ସ ରାକେଟ ଚଳାଇବା ଅଭିଯୋଗରେ ଜଣେ ମହିଳାଙ୍କ ସମେତ ୫ ଜଣ ଦଲାଲଙ୍କୁ ପୁଲିସ ଅଟକ ରଖିଛି। ଏହା ସହ ୫ ଜଣ ମହିଳାଙ୍କୁ ମଧ୍ୟ ପୁଲିସ ଉଦ୍ଧାର କରିଛି। ଅଟକ ଥିବା ଦଲାଲମାନେ ପୂର୍ବରୁ ମଧ୍ୟ ସେକ୍ସ ରାକେଟ ଚଳାଇବା ଅଭିଯୋଗରେ ଗିରଫ ହୋଇଥିଲେ। ରାଉରକେଲା ଜଗଦା ଅଞ୍ଚଳରେ ଏକ ସେକ୍ସ ରାକେଟ ଚାଲିଥିବା ସୂଚନା ପାଇବା ପରେ ରାଉରକେଲା ଏସପି ନୀତେଶ ୱାଧୱାନିଙ୍କ ନିର୍ଦ୍ଦେଶ କ୍ରମେ ପୁଲିସ ଟିମ୍ ଚଢ଼ାଉ କରିଥିଲେ।

# ମା ଦୁର୍ଗା ମନ୍ଦିର କମ୍ୟୁନିଟି ହଲର ଏସି ବ୍ୟବସ୍ଥା ଲୋକାର୍ପିତ
## ପଦ୍ମଶ୍ରୀ ପ୍ରମୋଦ ଭଗତଙ୍କୁ ସମ୍ବର୍ଦ୍ଧନା

ବରଗଡ଼/ଅତାବିରା,(ସବ୍ୟୁ): ବରଗଡ଼ ଜିଲ୍ଲା ଅତାବିରା ମାଟିର ସୁପୁତ୍ର ପଦ୍ମଶ୍ରୀ ପ୍ରମୋଦ ଭଗତଙ୍କୁ ଅତାବିରା ଦୁର୍ଗା ମନ୍ଦିରର ସମ୍ମୁଖରେ ଅତାବିରା ନାଗରିକଙ୍କ ତରଫରୁ ଉପଢ଼ୌକନ ଓ ଫୁଲମାଳ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା । ପ୍ରମୋଦ ଭଗତ ମାଁଙ୍କୁ ଦର୍ଶନ କରି ସାନିଧ ଲାଭ କରିଥିଲେ । ଦୁର୍ଗାମନ୍ଦିର କଲ୍ୟାଣ ମଣ୍ଡପକୁ ସେ ଦାନ କରିଥିବା ୧୦ଟି ଶୀତତାପ ନିୟନ୍ତ୍ରିତ ଯନ୍ତ୍ରକୁ ଜନ ସାଧାରଣଙ୍କ ପାଇଁ ଲୋକାର୍ପିତ କରିଥିଲେ । ସେ ଏହାକୁ ନିଜର ସ୍ୱର୍ଗୀୟ ପିତାମାତା କୈଳାସ ଭଗତ ଏବଂ କୁସୁମ ଦେବୀଙ୍କ ନାମରେ ଉତ୍ସର୍ଗୀକୃତ କରିଛନ୍ତି । ଏହି ଅବସରରେ ସୁରେନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପଦ୍ମଶ୍ରୀ ପ୍ରମୋଦ ଭଗତ,ଭାଇ ଶେଖର ଭଗତ,ଡ଼ା. ରାମ କୈଳାସ ଅଗ୍ରୱାଲ,ଜି.ନରସିଂହ ମୂର୍ତ୍ତି,ରବି ନାରାୟଣ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ । ଅବିନାଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ଉନୀ ନାୟାର, ପାର୍ଥ ସାରଥୀ ପଣ୍ଡା, ନବୀନ ଦାଶ, ଅଶୋକ ପ୍ରଧାନ, ଦୀପକ ରାଏ, ପ୍ରଭାତ ପ୍ରଧାନ, ଅରବିନ୍ଦ ପାତ୍ର, ବାଲା ସୁବ୍ରମଣ୍ୟମ୍, ବିଲୋସ ଜୋନ୍ଥରୀ, ଭୂପେନ୍ଦ୍ର ପଟେଲ, କୃଷ୍ଣ ପ୍ରଧାନ, ପ୍ରଭାତ ପ୍ରଧାନ, ଅମିଷ ତୁରଖିଆ, ରିଙ୍କୁ ପ୍ରଧାନ, ରାଜେଶ ପ୍ରଧାନ, ପିଣ୍ଟୁ ଅଗ୍ରୱାଲ , ଚେତନ ଶର୍ମା , ସନ୍ଦୀପ ଅଗ୍ରୱାଲ , ଦିଲୀପ ଅଗ୍ରୱାଲ , ଦିନେଶ କୌଶିକ, ବ୍ରଜେଶ ବାଲୋଡ଼ିଆ, ସତିଶ ଅଗ୍ରୱାଲ, ବାବଲୁ ସାହୁ, ନିତ୍ୟାନନ୍ଦ ପ୍ରଧାନ, ଦିଲୀପ ପ୍ରଧାନଙ୍କ ସମେତ ମା ଦୁର୍ଗା ମନ୍ଦିର କମିଟି ର ବହୁ ସଦସ୍ୟ ଙ୍କ ସମେତ ସହରର ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ଓଡିଶା ପୋଲିସ ପ୍ରତିଷ୍ଠା ଦିବସ ପାଳିତ

ଝାରସୁଗୁଡା,(ସବ୍ୟୁ): ସ୍ଥାନୀୟ ଓ ଏସ ଏପି ୨ୟ ବ୍ୟାଟେଲିଆନ ଝାରସୁଗୁଡା ଠାରେ ୯୦ ତମ ଓଡିଶା ପୋଲିସ ପ୍ରତିଷ୍ଠା ଦିବସ ମଙ୍ଗଳବାର ୨ୟ ବ୍ୟାଟେଲିଆନ ପ୍ୟାରେଡ ପଡିଆରେ ପାଳିତ ହୋଇଛି। ଝାରସୁଗୁଡା ଏସପି ପରମାର ସ୍ମିତ ପୁରୁଷୋତ୍ତମ ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଓଏସଏପି ୨ୟ ବ୍ୟାଟେଲିଆନ ଓ ଜିଲ୍ଲା ପୋଲିସର ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ । ରାଜ୍ୟ ପୋଲିସକୁ ଦେଇଥିବା ରାଜ୍ୟପାଳ ଓ ମୁଖ୍ୟ ମନ୍ତ୍ରୀଙ୍କ ବାର୍ତ୍ତାର ନକଲ ପଢି ଶୁଣାଇ ଥିଲେ। ଝାରସୁଗୁଡା ଜିଲ୍ଲା ପୋଲିସ ଓ ୨ୟ ଓ ଏସଏପିର ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଅଧିକାରୀ ଓ ଯବାନ ମାନଙ୍କୁ ପୁରସ୍କୃତ କରାଇ ଥିଲେ। ଏହି ପ୍ୟାରେଡରେ ଝାରସୁଗୁଡା ଓ ଏସ ଏପି ୨ୟ ବ୍ୟାଟେଲିଆନର ଦୁର୍ଗପତି ପ୍ରଶାଦ ତମାଙ୍ଗ, ଉପ-ଦୁର୍ଗପତି ଭବାନୀ ଶଙ୍କର ସେଠ , ଶିବପ୍ରସାଦ ନାୟକ ଅତିରିକ୍ତ ଏସ.ପି ମଧୁଶିକ୍ତା ମିଶ୍ର ,ଜେମସ୍ ସାମଦ ଏସ.ଡି.ପି.ଓ ଝାରସୁଗୁଡାର ଉମାଶଙ୍କର ସିଂ, ବ୍ରଜରାଜନଗର ଏସ.ଡି.ପି.ଓ ଚିନ୍ତାମଣି ପ୍ରଧାନ ଓ ଜିଲ୍ଲା ପୋଲିସ ଅଧିକାରୀ ମାନେ ଉପସ୍ଥିତ ଥିଲେ। ପ୍ୟାରେଡକୁ ଆରଆଇ ଅନିଲ ମୁଖୀ ପରିଚାଳନା କରିଥିଲେ।

# ତେନ୍ତୁଳିଖୁଣ୍ଟି ଉଚ୍ଚ ପ୍ରାଥମିକ ସ୍କୁଲର ବାର୍ଷିକ ଉତ୍ସବ

ଜୁନାଗଡ଼,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ତେନ୍ତୁଳୀଖୁଣ୍ଟି ସରକାରୀ ଉଚ୍ଚ ପ୍ରାଥମିକ ସ୍କୁଲରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଜୁନାଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀ ତପନ କୁମାର ମାଝୀ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଚାରଭାଟି ସରପଞ୍ଚ ଶିବ ଶଙ୍କର ନାଏକ, ଜୁନାଗଡ଼ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କ୍ଷୀରୋଦ ଭୋଇ, ସିନିୟର ଟିଚର ଏଜୁକେଟର ସୁନିତା ଦୁର୍ଗା, ସି ଆର ସି ସି ଶିତେଶ ପାଢ଼ୀ, ଏସ ଏମ ସି ଚେୟାରପର୍ସନ ସନ୍ତୋଷ ପଟେଲ ଅଂଶ ଗ୍ରହଣ କରିଥିଲେ । ସ୍କୁଲ ପ୍ରଧାନ ଶିକ୍ଷକ ମକରଧ୍ୱଜ ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ ପ୍ରିୟମ୍ବଦା ଜେନା ସ୍କୁଲର ବାର୍ଷିକ ବିବରଣୀ ପଠନ କରିଥିଲେ । ମୁଖ୍ୟ ବକ୍ତା ଭାବେ ସିନିୟର ଟିଚର ଏଜୁକେଟର ଡି ଆଇ ଇ ଟି ଈଶ୍ୱର ଚନ୍ଦ୍ର ବେହେରା ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ସହକାରୀ ଶିକ୍ଷକ ସମରେନ୍ଦ୍ର ଶେଖର ଦାଶଙ୍କ ମଞ୍ଚ ପରିଚଳନା ତଥା ପଞ୍ଚମ ଶ୍ରେଣୀ ଛାତ୍ରୀ ଛବି ପଟେଲଙ୍କ ସହଯୋଗରେ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷୟିତ୍ରୀ ମୋନାଲିଶା ମହାନ୍ତି ଏବଂ ବବି ସ୍ମିତା ମିଶ୍ର ସହଯୋଗ କରିଥିଲେ । ଶେଷରେ ସହକାରୀ ଶିକ୍ଷକ ଟଙ୍କଧର ଶବର ଧନ୍ୟବାଦ ଅର୍ପଣ କରିଥିଲେ ।

# ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ କାର୍ଯ୍ୟକ୍ରମ

କଣ୍ଟାବାଞ୍ଜି,(ସବ୍ୟୁ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ବଲାଙ୍ଗିର କଣ୍ଟାବାଞ୍ଜି ନଗର ଖେଲୋ-ଭାରତ ଗତିବିଧି ତରଫରୁ କଣ୍ଟାବାଞ୍ଜି ସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ ଠାରେ ନଗର ଖେଳ କୁମ୍ଭ ଅନୁଷ୍ଠିତ ହୋଇଯାଇଛି। ଏହି ଖେଳ କୁମ୍ଭରେ ଉଭୟ ଜୁନିଅର ସିନିୟର୍ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ନଗରର ସମସ୍ତ ଉଚ୍ଚ ବିଦ୍ୟାଳୟ, ମହାବିଦ୍ୟାଳୟର ୧୦୦ ରୁ ଉର୍ଦ୍ଧ୍ୱ ଖେଳାଳି ଭାଗ ନେଇଥିଲେ। ମୁଖ୍ୟ ଅତିଥି ଭାବେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଓଡିଶା-ପଶ୍ଚିମ ପ୍ରାନ୍ତ ସମ୍ପାଦକ ଶ୍ୱେତାଂଶୁ ଶେଖର ବରାଇ, ମୁଖ୍ୟ ବକ୍ତା ପ୍ରାନ୍ତ ଖେଲୋ ଭାରତ ପ୍ରମୁଖ ଦିବ୍ୟଜ୍ୟୋତି ନନ୍ଦ ଓ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ସଂଗଠନ ସମ୍ପାଦକ ବିକାଶ ସାହୁ ଓ ଯୁବ ଆୟୀନଜୀବୀ ବିବେକ ଶର୍ମା ଉପସ୍ଥିତ ଥିଲେ। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଖେଲୋ ଭାରତ ଗତିବିଧି ମାଧ୍ୟମରେ ନଗର ଖେଳ କୁମ୍ଭ ଦ୍ୱାରା ଖେଳାଳି ମାନଙ୍କୁ ଏକ ମଞ୍ଚ ଓ ଖେଳକୁ ନଗର ଓ ମହାବିଦ୍ୟାଳୟ ସ୍ତରରେ ସକ୍ରିୟତା ପ୍ରଦାନ କରିବା ଆମର ଲକ୍ଷ ବୋଲି ପ୍ରାନ୍ତ ଖେଲୋ ଭାରତ ସଂଯୋଜକ ସ୍ୱରାଜ ପୁରୋହିତ ମତ ରଖିଛନ୍ତି।

# ନୂତନ ଆଇଆଇସିଙ୍କ ଯୋଗଦାନ

ବୋରିଗୁମ୍ମା,(ସବ୍ୟୁ): ବୋରିଗୁମ୍ମା ଥାନାରେ ନୂତନ ଆଇଆଇସି ଭାବେ ଶ୍ୱେତପଦ୍ମା ସେଠ ଯୋଗଦାନ କରିଛନ୍ତି। ପୂର୍ବରୁ ଶ୍ରୀମତୀ ସେଠ କଳାହାଣ୍ଡି ଜିଲ୍ଲାର ଗୋଲାମୁଣ୍ଡା ଥାନାରେ ଆଇଆଇସି ଭାବେ କାର୍ଯ୍ୟ କରିଆସୁଥିଲେ। ୨୦୧୨ ବ୍ୟାଚର ସବ ଇନସପେକ୍ଟର ଶ୍ରୀମତୀ ସେଠ୍ ଏଥି ପୂର୍ବରୁ କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ଥାନାରେ କାର୍ଯ୍ୟ କରିଛନ୍ତି। ବୋରିଗୁମ୍ମା ଥାନାରେ ପୂର୍ବରୁ ଥିବା ଆଇଆଇସି ଯୁଗଳ କିଶୋର ସା ଙ୍କୁ ନବରଙ୍ଗପୁର ଜିଲ୍ଲାକୁ ବଦଳି ହୋଇଥିଲା।

# ଉପଖଣ୍ଡସ୍ତରୀୟ ଓଡିଶା ଦିବସ ପାଳିତ

ଟିଟିଲାଗଡ଼,(ସବ୍ୟୁ): ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡିଆ ଭାଷା , ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଉପଖଣ୍ଡ ପ୍ରଶାସନ ତରଫରୁ ଉପଖଣ୍ଡସ୍ତରୀୟ ଓଡିଶା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ସ୍ଥାନୀୟ ପୌରପରିଷଦ କଲ୍ୟାଣ ମଣ୍ଡପ ଠାରେ ଉପଜିଲାପାଳ ରେହାନ କ୍ଷେତ୍ରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ମୁଖ୍ୟଅତିଥି, ଟିଟିଲାଗଡ଼ ପୌରାଧ୍ୟକ୍ଷା ମମତା ଜୈନ, କାଉନସିଲର ଗୋପାଲ କୃଷ୍ଣ ବେହେରା, ସରଜୁ ଥନାପତି, ଯଶୋଦା ବଗର୍ତ୍ତୀ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଯଶୋବନ୍ତ ପ୍ରଧାନୀ, ପୌର ନିର୍ବାହୀ ଅଧିକାରୀ ଚନ୍ଦନ ଶତପଥି ପ୍ରମୁଖ ସମ୍ମାନିତ ଅତିଥି ଭାବରେ ମଞ୍ଚାସୀନ ଥିଲେ । ଓଡିଶାର ବରପୁତ୍ର ମାନଙ୍କର ଅବଦାନ ତଥା ଓଡିଶା ପ୍ରଦେଶ ଗଠନରେ ସେମାନଙ୍କର ପ୍ରମୁଖ ଭୂମିକା ନେଇ ଅତିଥିବୃନ୍ଦ ସ୍ମୃତିଚାରଣ କରିଥିଲେ । ଓଡିଶା ଦିବସ ଅବସରରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗୀତାରେ କୃତି ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମକୁ କବି ଭିକାରି ଚରଣ ମିଶ୍ର ସଂଯୋଜନା କରିଥିବା ବେଳେ ଟିଟିଲାଗଡ଼ ବିଡ଼ିଓ ଚନ୍ଦ୍ରମଣି ନାଗ ଧନ୍ୟବାଦ ଅର୍ପଣ କରିଥିଲେ । ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝୀ ତଥା ବିଭିନ୍ନ ବିଭାଗର କର୍ମଚାରୀ ଅଧିକାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ରେଳ କର୍ମଚାରୀ ପୁରସ୍କୃତ

ସମ୍ବଲପୁର,(ସବ୍ୟୁ): ସୁରକ୍ଷିତ ଟ୍ରେନ ଚଳାଚଳ ପ୍ରତି କର୍ତ୍ତବ୍ୟନିଷ୍ଠା ଓ ନିରାପତ୍ତା ନିୟମ ଉପରେ ଭଲ ଭାବେ ଅବଗତ ପାଇଁ ୨ଜଣ ରେଳ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଛି । ସମ୍ବଲପୁର ମଣ୍ଡଳ ରେଳ ମଣ୍ଡଳ ଅନ୍ତର୍ଗତ ରହେନଭଟାର ଟେକ୍ନିସିଆନ୍-୨ ପ୍ରଭାତ କୁମାର ଘଡେଇ ଓ ନର୍ଲା ରୋଡ ସିଗନାଲ ମ୍ୟାଣ୍ଟେନର-୧ ଅଶୋକ କୁମାର ଶାସମଲଙ୍କୁ ମଣ୍ଡଳ ରେଳ ପ୍ରବନ୍ଧକ ତୁଷାରକାନ୍ତ ପାଣ୍ଡେ ପ୍ରମାଣପତ୍ର ସହ ନଗଦ ରାଶି ଦେଇ ସମ୍ମାନିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଆନନ୍ଦ ସିଂ, ବରିଷ୍ଠ ମଣ୍ଡଳ ସଙ୍କେତ ଓ ଦୂର ସଂଚାର ଯନ୍ତ୍ରୀ ଇଂ. ପ୍ରଭାତ କୁମାର, ବରିଷ୍ଠ ମଣ୍ଡଳ ନିରାପତ୍ତା ଅଧିକାରୀ ସମ୍ମିତ ସୌରଭ ନାୟକଙ୍କ ସମେତ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ଓଡିଶା ଦିବସରେ, ଓଡ଼ିଆ ଭାଷାକୁ ହନନ

ରାୟଗଡା,(ସବ୍ୟୁ): ଓଡିଶା ଦିବସରେ ମଧ ଓଡ଼ିଆ ଭାଷାକୁ ହନନ କରିଛନ୍ତି ଜିଲ୍ଲା ପ୍ରଶାସନ । ଏନେଇ ବିଭିନ୍ନ ସୋସିଆଲ ମିଡିଆରେ ଲେଖକ, ଗାଳ୍ପିକ ଏବଂ ସ୍ତମ୍ଭକାର ଆମେ ଆମ ଭାଷାକୁ ନେଇ ଗର୍ବିତ ବୋଲି କହୁଥିବା ବେଳେ ପ୍ରଶାସନ ଓଡ଼ିଆ ଭାଷାକୁ ବିକୃତ କରିବା ଏକ ନିନ୍ଦନୀୟ ବୋଲି କହିଛନ୍ତି । ରାୟଗଡ଼ା ଜିଲ୍ଲା ବିଜୁପଟ୍ଟନାୟକ ଅଡିଟୋରିୟମରେ ପ୍ରଶାସନ ତରଫରୁ ଓଡ଼ିଶା ପକ୍ଷ ଦିବସ ପାଳନ କରାଯାଇଥିବା ବେଳେ ଏହି ଅବସରରେ ଗଜପତି ଛକ ସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତି, ବସଷ୍ଟାଣ୍ଡ ନିକଟରେ ଥିବା ବାବାସାହେବ ଆମ୍ବେଦକର ଓ ବିଜୁବାବୁଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଗାନ୍ଧୀ ପାର୍କ ମଧ୍ୟରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରି ବିଜୁପଟ୍ଟନାୟକ ଅଡିଟୋରିୟମରେ ଓଡିଶା ଦିବସ ପାଳନ ଉପଲକ୍ଷେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ପାରୁଲ ପଟୱାରି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ଅଧକ୍ଷା ସରସ୍ୱତୀ ମାଝୀ, ଜିଲ୍ଲାପରିଷଦ ବିକାଶ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ ଖେମୁଣ୍ଡୁ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଓଡିଶା ଦିବସ ପାଳନ କରୁଥିବା ବେଳେ ଏଥିପାଇଁ ନିର୍ମିତ ହୋଇଥିବା ଫ୍ଲେକ୍ସରେ ଭୁଲ ଲେଖାଯାଇଥିବା ଦେଖିବାକୁ ମିଳିଥିଲା । ଯାହାକି ସମାରୋହକୁ ମହାରୋହ ଲେଖାଯାଇଥିବା ନେଇ କିଛି ଉପସ୍ଥିତ ବ୍ୟକ୍ତିବିଶେଷ ଏହାକୁ ନେଇ ପ୍ରଶ୍ନ କରିଥିଲେ ଯେ ଓଡ଼ିଶା ଦିବସରେ ମଧ୍ୟ ଓଡ଼ିଆ ଭାଷାର ହନନ ହେଉଛି । ଯାହାକି ଏହା ପ୍ରିଣ୍ଟିଂ ଭୁଲ ବୋଲି କୁହାଯାଉଥିଲେ ମଧ ପ୍ରଶାସନ ପକ୍ଷରୁ ଏହି ଦାୟିତ୍ୱରେ ଥିବା ଅଧିକାରୀ କିମ୍ବା କର୍ମଚାରୀ କିଭଳି ଏହି ଭୁଲ୍ ଲେଖା ଫ୍ଲେକ୍ସକୁ କାର୍ଯ୍ୟକ୍ରମରେ ଲଗାଇଥିଲେ ବୋଲି ଭାଜପା ଜିଲ୍ଲା ଯୁବମୋର୍ଚ୍ଚାର ଉପସଭାପତି ପ୍ରିତମ କୁମାର ପ୍ରଶ୍ନ କରିଛନ୍ତି। ଯାହାକି ଏହି ଫ୍ଲେକ୍ସ ଲଗାଇବା ପୂର୍ବରୁ ଥରେ ଉକ୍ତ ଦାୟିତ୍ୱରେ ଥିବା ଅଧିକାରୀ କିମ୍ବା କର୍ମଚାରୀ ପରଖିବାର ଥିଲା ବୋଲି ମତ ପ୍ରକାଶ କରିଛନ୍ତି । ଏ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ । ପରବର୍ତ୍ତୀ ସମୟରେ ସେହି ସ୍ଥାନରେ ଗୋଟିଏ ଧଳା କାଗଜ ଲଗେଇ କଲମରେ ସଂଶୋଧନ କରାଗଲା।

# ପୋଲିସ ପ୍ରତିଷ୍ଠା ଦିବସ ପାଳିତ



ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ରିଜର୍ଭ ପଡ଼ିଆ ଠାରେ ସମ୍ବଲପୁର ଜିଲ୍ଲା ପୋଲିସ ପକ୍ଷରୁ ୯୦ ତମ ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମବେତ ପ୍ୟାରେଡର ଅଭିବାଦନ ଗ୍ରହଣ କରିଥିଲେ। ଏଥିସହ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା ବାର୍ତ୍ତା ପଠନ କରିଥିଲେ । ସେ ଏହି ଅବସରରେ କହିଥିଲେ ଯେ, ଜନସାଧାରଣଙ୍କ ସୁରକ୍ଷା ପୋଲିସର ପ୍ରଥମ କର୍ତ୍ତବ୍ୟ । ବର୍ତ୍ତମାନ ସାଇବର ଅପରାଧ ଏକ ଚ୍ୟାଲେଞ୍ଜ ଭାବେ ଛିଡା ହୋଇଛି । ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ଦକ୍ଷତାର ବିକାଶ ଉପରେ ଗୁରୁତ୍ୱ ଦିଆଯାଉଛି । ଜନସାଧାରଣଙ୍କ ସହ ପୋଲିସର ସୁସମ୍ପର୍କ ଉପରେ ସରକାର ଓ ଡିଜିଙ୍କ ନିର୍ଦ୍ଦେଶ ମୁତାବକ କାର୍ଯ୍ୟ କରାଯାଉଛି । ଅପରାଧ ନିୟନ୍ତ୍ରଣ ଓ ମାଓ ଦମନ ଉପରେ ପୋଲିସ ଗୁରୁତ୍ୱ ଦେଉଛି । ପୋଲିସ ଓ ଜନସାଧାରଣ ମିଳିତ ଭାବେ ଦେଶ ଏବଂ ରାଜ୍ୟକୁ ଶ୍ରେଷ୍ଠତା ପ୍ରଦାନ କରି ପାରିବେ । ଏହି ଅବସରରେ ଉଲ୍ଲେଖନୀୟ ସେବା ପାଇଁ କିଛି ପୋଲିସ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ସମ୍ବଲପୁର ମହାନଗର ନିଗମ କମିଶନର ବେଦଭୂଷଣ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ ଓ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ସମାରୋହ ପାଳିତ



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ପ୍ରଶାସନ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଓଡିଶା ଦିବସ ସମାରୋହ ପାଳିତ ହୋଇଯାଇଛି । ସ୍ଥାନୀୟ ତପସ୍ୱିନୀ ଜିଲ୍ଲା ପ୍ରେକ୍ଷାଳୟ ଠାରେ ଆୟୋଜିତ ସଭାରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମାଜ ବିକାଶରେ ମାତୃଭାଷା ମୂଳପିଣ୍ଡ ବୋଲି କହିଥିଲେ । ଏଥିସହ ଓଡିଶା ପକ୍ଷ ପାଳନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅଶୋକ କୁମାର ଭୋଇ, ସମ୍ବଲପୁର ମହାନଗର ନିଗମ କମିଶନର ବେଦଭୂଷଣ, ମୁଖ୍ୟ ଜିଲ୍ଲା ଉନ୍ନୟନ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, ଉତ୍ତରାଞ୍ଚଳ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅଧିକାରୀ କଲ୍ୟାଣୀ ଦାଶ ମଞ୍ଚାସୀନ ଥିଲେ । ଏହି ଅବସରରେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଦଳ ଗୁଡିକ ମଧ୍ୟରେ ମହମ୍ମଦପୁର ଉଚ୍ଚ ବିଦ୍ୟାଳୟ ପ୍ରଥମ , ବାଳାଶ୍ରମ ଦ୍ୱିତୀୟ ଓ ଲେଡି ଲୁଇସ୍ ଗାଲ୍ସ ହାଇସ୍କୁଲ ତୃତୀୟ ସ୍ଥାନ ଅଧିକାର କରିଥିବାରୁ ଯଥାକ୍ରମେ ୫୦୦୦, ୩୦୦୦ ଓ ୨୦୦୦ଟଙ୍କା ପ୍ରଦାନ କରାଯାଇଥିଲା । ପ୍ରତ୍ୟୁଷରେ ପ୍ରଭାତଫେରି ସହ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ସଦର ଉପଜିଲ୍ଲାପାଳ ଡ. ପୁଷ୍ପାଞ୍ଜଳି ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସଂଯୁକ୍ତା କୁଲୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପାଳନ ସମାରୋହ

ଦେବଗଡ଼,(ସବ୍ୟୁ): ପବିତ୍ର ୯୦ତମ ଓଡ଼ିଶା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଉତ୍କଳମଣି ଗୋପବନ୍ଧୁ ଦାସ, ରାଜା ବାସୁଦେବ ସୁଢଳଦେବ, ରାଜା ସଚ୍ଚିଦାନନ୍ଦ ତ୍ରିଭୁବନ ଦେବ, ଡମ୍ବରୁ ପ୍ରିୟା ଦେବୀ, ଡ଼ ବି ଆର ଆମ୍ବେଦକର, ବିର୍ସା ମୁଣ୍ଡା ଓ ଭୂମି ପୁତ୍ର ବିଜୁପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲା ପ୍ରଶାସନ ତରଫରୁ ମାଲ୍ୟାର୍ପଣ କରାଯାଇଥିଲା । ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ, ଅଧକ୍ଷ ଜିଲ୍ଲାପରିଷଦ କୌଶିକ କୁମାର ପ୍ରଧାନ, ସାଂସଦଙ୍କ ପ୍ରତିନିଧି ଅରୁଣ ସାହୁ, ଭାରପ୍ରାପ୍ତ ଅଧକ୍ଷ ପୌରପରିଷଦ ପ୍ରଜିତ ଭୋଜ, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଉପ-ଜିଲ୍ଲାପାଳ ପରକ୍ଷିତ ସାହୁ, କାର୍ଯ୍ୟ ନିର୍ବାହୀ ଅଧିକାରୀ ପୌରପରିଷଦ କୃପାସିନ୍ଧୁ ସ୍ୱାଇଁ, ବରିଷ୍ଠ ନାଗରିକ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ପ୍ରମୁଖ ଯୋଗ ଦେଇଥିଲେ ।ପରେ ପରେ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ ଠାରେ ସାଧାରଣ ସଭା ଆୟୋଜନ ହୋଇଥିଲା। ଜିଲ୍ଲାପାଳ ଶ୍ରୀ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପଞ୍ଚାୟତରାଜ, ଗ୍ରାମ୍ୟ ଉନ୍ନୟନ ଓ ପାନୀୟ ଜଳ ଓଡିଶା ସରକାର ରବି ନାରାୟଣ ନାଏକ ଓ ବରେଣ୍ୟ ଅତିଥି ଭାବେ ଜିଲ୍ଲାପରିଷଦ ଅଧକ୍ଷ କୌଶିକ କୁମାର ପ୍ରଧାନ, ଏସପି ଅନିଲ କୁମାର ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ସାଂସଦଙ୍କ ପ୍ରତିନିଧି ଅରୁଣ ସାହୁ, ଭାରପ୍ରାପ୍ତ ଅଧକ୍ଷ ପୌରପରିଷଦ ପ୍ରଜିତ ଭୋଜ, ଉପଜିଲ୍ଲାପାଳ ଶ୍ରୀ ସାହୁ ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ବରପୁତ୍ର ମାନଙ୍କ ଫଟୋଚିତ୍ର ରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନରେ ଓଡିଶା ର ବରପୁତ୍ର ମାନଙ୍କର ଓଡ଼ିଆ ଜାତି ପ୍ରତି ଥିବା ଘଭୀର ଅନୁରାଗ ଜାତୀୟତା ଓ ଓଡ଼ିଆ ଅସ୍ମିତା ପ୍ରତି ତାଙ୍କର ଯେଉଁ ବଳିଦାନ ଥିଲା ତାହା ସ୍ମୃତି ଚାରଣ କରି ଆଜିର ଦିବସର ଓଡ଼ିଆ ଜାତିକୁ ଏକତା ହେବା ପାଇଁ ମନ୍ତ୍ରୀ ଶ୍ରୀ ନାଏକ ଆହ୍ୱାନ ଦେଇଥିଲେ । ସ୍କୁଲର ଛାତ୍ରଛାତ୍ରୀ ମାନଙ୍କୁ ନେଇ ଅନୁଷ୍ଠିତ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଡ୍ରିମ ଡ୍ୟାନ୍ସ ଏକାଡେମୀ ଓ ମାହାରୀ ନୃତ୍ୟ କଳା ମଣ୍ଡପର କଳାକାର ମାନଙ୍କୁ ନେଇ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାଳିଆପାଳ ସ୍କୁଲର ପ୍ରଧାନ ଶିକ୍ଷକ ପ୍ରଦୀପ ବେହେରା, ନନ୍ଦିନୀ ସାହୁ, ସିଆରସି ପ୍ରାଣବନ୍ଧୁ ଘଡେଇ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି ଅବସରରେ ବିଭିନ୍ନ ବିଭାଗ ଦ୍ୱାରା ଫଟୋ ଚିତ୍ର ପ୍ରଦର୍ଶନୀ କରାଯାଇଥିଲା। କାର୍ଯ୍ୟକ୍ରମ ରେ ଜିଲ୍ଲାସ୍ତରୀୟ ଅଧିକାରୀ, ମିଶନ ଶକ୍ତି ଓ ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।

